# ଢେଙ୍କାନାଳ ଜିଲାରେ ୭୬.୭୬ ପ୍ରତିଶତ ମତଦାନ

ଢେଙ୍କାନାଳ,୨୬।୫(ରତନ ନାୟାର)



■ଭୋଟ ଦେଲେ ମୋଟ ୭,୪୬,୧୦୫ ଜଣ
■ପରଜଙ୍ଗ ବିଧାନସଭାରେ ସର୍ବାଧିକ, ଢେଙ୍କାନାଳରେ କମ୍
■ଷ୍ଟ୍ରଙ୍ଗରୁମ୍‌ରେ କଡ଼ା ସୁରକ୍ଷାରେ ରଖାଗଲା ଇଭିଏମ୍

ଢେଙ୍କାନାଳ ଜିଲାରେ ମୋଟ ୯ଲକ୍ଷ ୭୨ହଜାର ୩୩ ଭୋଟରଙ୍କ ମଧ୍ୟରୁ ୭ଲକ୍ଷ ୪୬ହଜାର ୧୦୫ ଜଣ ଭୋଟ ଦେଇଛନ୍ତି। ବିଧାନସଭା ନିର୍ବାଚନରେ ଜିଲାରେ ୭୬.୭୬ ପ୍ରତିଶତ ମତଦାନ ହୋଇଛି। ତନ୍ମଧ୍ୟରେ ପରଜଙ୍ଗ ବିଧାନସଭା ନିର୍ବାଚନମଣ୍ଡଳୀରେ ସର୍ବାଧିକ ୮୦.୬୦ ପ୍ରତିଶତ ମତଦାନ ହୋଇଛି। ଜିଲାରେ ଭୋଟ ଦେଇଥିବା ୭ଲକ୍ଷ ୪୬ହଜାର ୧୦୫ଜଣ ଭୋଟରଙ୍କ ମଧ୍ୟରୁ ୩ଲକ୍ଷ ୬୪ହଜାର ୮୮୮ ମହିଳା ଓ ୩ଲକ୍ଷ ୮୧ହଜାର ୨୧୨ ପୁରୁଷ ଏବଂ ୫ ଅନ୍ୟାନ୍ୟ ଭୋଟର ରହିଛନ୍ତି।

ଢେଙ୍କାନାଳ ବିଧାନସଭା ନିର୍ବାଚନମଣ୍ଡଳୀରେ ମୋଟ ୨ଲକ୍ଷ ୭୧ ହଜାର ୧୬୪ ଭୋଟରଙ୍କ ମଧ୍ୟରୁ ୨ଲକ୍ଷ ୨ହଜାର ୧୫୭ଜଣ ଭୋଟ ଦେଇଛନ୍ତି। ଏହି ନିର୍ବାଚନ ମଣ୍ଡଳୀରେ ୭୪.୫୫ ପ୍ରତିଶତ ମତଦାନ ହୋଇଛି। ସେହିପରି ହିନ୍ଦୋଳ ବିଧାନସଭା ନିର୍ବାଚନମଣ୍ଡଳୀରେ ମୋଟ ୨ଲକ୍ଷ ୬୨ହଜାର ୪୯୪ ଭୋଟରଙ୍କ ମଧ୍ୟରୁ ୧ ଲକ୍ଷ ୯୬ହଜାର ୬୮ଜଣ ମତଦାନ କରିଛନ୍ତି। ଏହି ନିର୍ବାଚନ ମଣ୍ଡଳୀରେ ଭୋଟହାର ୭୪.୬୯ ପ୍ରତିଶତ ରହିଛି। ସେହିପରି କାମାକ୍ଷାନଗର ବିଧାନସଭା ନିର୍ବାଚନମଣ୍ଡଳୀରେ ମୋଟ ୨ଲକ୍ଷ ୧୯ହଜାର ୧୧୩ ଜଣଙ୍କ ମଧ୍ୟରୁ ୧ଲକ୍ଷ ୭୧ହଜାର ୧୫୮ଜଣ ମତଦାନ କରିଛନ୍ତି। ଏହାର ମତଦାନ ପ୍ରତିଶତ ୭୮.୧୧ ରହିଛି। ସେହିପରି ପରଜଙ୍ଗ ବିଧାନସଭା ନିର୍ବାଚନ ମଣ୍ଡଳୀରେ ମୋଟ ୨ଲକ୍ଷ ୧୯ ହଜାର ୨୬୨ ଭୋଟରଙ୍କ ମଧ୍ୟରୁ ୧ଲକ୍ଷ ୭୬ହଜାର ୭୨୨ଜଣ ମତଦାନ କରିଛନ୍ତି। ଏହି ନିର୍ବାଚନ ମଣ୍ଡଳୀରେ ମତଦାନ ହାର ୮୦.୬୦ ପ୍ରତିଶତ, ଯାହାକି ଜିଲାରେ ସର୍ବାଧିକ ବୋଲି ଜଣାପଡ଼ିଛି। ମତଦାନ ପରେ ଶନିବାର ରାତି ସୁଦ୍ଧା ପରଜଙ୍ଗ ଓ କାମାକ୍ଷାନଗର ବିଧାନସଭାର କାମାକ୍ଷାନଗର ଠାରେ, ହିନ୍ଦୋଳ ବିଧାନସଭା ନିର୍ବାଚନ ମଣ୍ଡଳୀର ହିନ୍ଦୋଳ ଉପଜିଲାପାଳଙ୍କ କାର୍ଯ୍ୟାଳୟଠାରେ ଓ ଢେଙ୍କାନାଳ ବିଧାନସଭା ନିର୍ବାଚନ ମଣ୍ଡଳୀର ସହରସ୍ଥିତ ମହିଷାପାଟଠାରେ ଥିବା ଷ୍ଟ୍ରଙ୍ଗ୍ ରୁମରେ ଇଭିଏମ୍‌କୁ କଡା ସୁରକ୍ଷା ବଳୟରେ ମଧ୍ୟରେ ସିଲ କରି ରଖାଯାଇଛି। ସେହିପରି ଢେଙ୍କାନାଳ ଲୋକ ସଭା ନିର୍ବାଚନମଣ୍ଡଳୀ ନିର୍ବାଚନରେ ମତଦାନ ହାର ୭୭.୯୯ ପ୍ରତିଶତ ହୋଇଛି। ଆସନ୍ତା ୪ ତାରିଖରେ ଭୋଟ ଗଣତି ହେବ ।

# ବିଜ୍ଞାନରେ ୯୦, କଳାରେ ୭୯ ଓ ବାଣିଜ୍ୟରେ ୮୩%

ଅନୁଗୋଳ,୨୬।୫ (ଅମିତ କୁମାର ସାମଲ)

**ଅନୁଗୋଳ ଜିଲାରେ ଯୁକ୍ତ ୨ ପରୀକ୍ଷା ଫଳ**

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ(ସିଏଚଏସ୍‌ଇ) ପକ୍ଷରୁ ଯୁକ୍ତ ୨ ପରୀକ୍ଷା ଫଳ ରବିବାର ପ୍ରକାଶ ପାଇଥିବା ବେଳେ ଅନୁଗୋଳ ଜିଲାରେ ବିଜ୍ଞାନରେ ପାସ୍ ହାର ୯୦.୧୩ ପ୍ରତିଶତ ରହିଛି। କଳାରେ ୭୯.୪୪ ପ୍ରତିଶତ ଓ ବାଣିଜ୍ୟରେ ପାସ୍ ହାର ୮୩.୩ ପ୍ରତିଶତ ହୋଇଛି। ଭୋକେସନାଲ୍‌ରେ ୭୫ ପ୍ରତିଶତ ଛାତ୍ରୀଛାତ୍ର କୃତକାର୍ଯ୍ୟ ହୋଇଛନ୍ତି।

ଅନୁଗୋଳ ଜିଲାରେ ବିଜ୍ଞାନରେ ମୋଟ ୩୭୩୧ ଛାତ୍ରୀଛାତ୍ର ଫର୍ମ ପୂରଣ କରିଥିବାବେଳେ ୩୭୧୯ ଜଣ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୩୩୫୨ ଜଣ ପାସ୍ କରିଛନ୍ତି। ୧୬୩୮ ଜଣ ପ୍ରଥମ ଶ୍ରେଣୀରେ, ୧୧୨୪ ଦ୍ୱିତୀୟ ଶ୍ରେଣୀ ଏବଂ ୫୫୬ ଜଣ ତୃତୀୟ ଶ୍ରେଣୀରେ ପାସ୍ କରିଛନ୍ତି। ୩୪ ଜଣ ପରୀକ୍ଷାର୍ଥୀଙ୍କ କମ୍ପଲିମେଣ୍ଟାରୀ ରହିଛି। ପରୀକ୍ଷାରେ ଅସାଧୁ ଉପାୟ ଅବଲମ୍ବନ କରି ୧୩ ଜଣ ମାଲପ୍ରାକ୍ଟିସ ହୋଇଥିବା ସିଏଚଏସ୍‌ଇ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ସେହିଭଳି ଯୁକ୍ତ ୨ କଳାରେ ଅନୁଗୋଳ ଜିଲାରେ ପାସ୍ ହାର ୭୯.୪୪ ପ୍ରତିଶତ ରହିଛି। ଜିଲାରେ ୫୯୫୮ ଛାତ୍ରୀଛାତ୍ର ପରୀକ୍ଷାଦେବାକୁ ଫର୍ମ ପୂରଣ କରିଥିବାବେଳେ ୫୯୦୦ ଜଣ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୪୬୮୭ ଜଣ ପାସ୍ କରିଛନ୍ତି। ୬୨୮ ଜଣ ପ୍ରଥମ ଶ୍ରେଣୀରେ, ୭୫୪ ଜଣ ଦ୍ୱିତୀୟ ଶ୍ରେଣୀ ଓ ୩୩୧୩ ଜଣ ତୃତୀୟ ଶ୍ରେଣୀରେ ପାସ୍ କରିଛନ୍ତି। ୨ ଜଣଙ୍କ କମ୍ପଲିମେଣ୍ଟାରୀ ରହିଥିବାବେଳେ ଜଣେ ପରୀକ୍ଷାରେ ଅସାଧୁ ଉପାୟ ଅବଲମ୍ବନ କରି ମାଲ୍‌ପ୍ରାକ୍ଟିସ ହୋଇଛନ୍ତି। ସେହିଭଳି ବାଣିଜ୍ୟରେ ଜିଲାରେ ପାସ୍ ହାର ୮୩.୦୩% ରହିଛି। ଜିଲାରେ ମୋଟ ୫୦୪ ଛାତ୍ରୀଛାତ୍ର ପରୀକ୍ଷା ପାଇଁ ଫର୍ମ ପୂରଣ କରିଥିବାବେଳେ ୫୦୧ ଜଣ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୪୧୬ ପରୀକ୍ଷାର୍ଥୀ ପାସ୍ କରିଛନ୍ତି। ୧୧୦ ଜଣ ପ୍ରଥମ ଶ୍ରେଣୀ, ୮୧ ଜଣ ଦ୍ୱିତୀୟ ଶ୍ରେଣୀ ଓ ୨୨୨ ଜଣ ତୃତୀୟ ଶ୍ରେଣୀରେ ପାସ୍ କରିଛନ୍ତି। ୩ ଜଣଙ୍କ କମ୍ପଲିମେଣ୍ଟାରୀ ରହିଥିବାବେଳେ ଜଣେ ପରୀକ୍ଷାରେ ଅସାଧୁ ଉପାୟ ଅବଲମ୍ବନ କରି ମାଲପ୍ରାକ୍ଟିସ ହୋଇଛନ୍ତି। ସେହିଭଳି ଧନ୍ଦାମୂଳକ ଶିକ୍ଷାରେ ୭୫ ପ୍ରତିଶତ ପରୀକ୍ଷା ଫଳ ହୋଇଛି। ୧୦୫ ଜଣ ଛାତ୍ରୀଛାତ୍ର ପରୀକ୍ଷା ପାଇଁ ଫର୍ମ ପୂରଣ କରିଥିବାବେଳେ ୧୦୪ ଜଣ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୧୨ ଜଣ ପ୍ରଥମ ଶ୍ରେଣୀ, ୪୧ ଜଣ ଦ୍ୱିତୀୟ ଶ୍ରେଣୀ ଏବଂ ୨୩ ଜଣ ତୃତୀୟ ଶ୍ରେଣୀରେ ପାସ୍ କରିଛନ୍ତି। ଦୁଇ ଜଣଙ୍କ କମ୍ପଲିମେଣ୍ଟାରୀ ରହିଥିବାବେଳେ ମୋଟ ୭୮ ଜଣ ପାସ୍ କରିଛନ୍ତି ବୋଲି ସିଏଚ୍‌ଏସଇ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

# କଳାରେ ୮୩.୧୩, ବାଣିଜ୍ୟରେ ୮୫.୦୮, ବିଜ୍ଞାନରେ ପାସ ହାର ୮୫.୮୨%

ଢେଙ୍କାନାଳ,୨୬।୫(ରତନ ନାୟାର)

**ଢେଙ୍କାନାଳ ଜୁନିୟର କଲେଜ ପରୀକ୍ଷା ଫଳ**

ଢେଙ୍କାନାଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପରୀକ୍ଷା ଫଳ ରବିବାର ପ୍ରକାଶ ପାଇଛି। +୨ କଳାରେ ପାସ ହାର ୮୩. ୧୩ ପ୍ରତିଶତ ହୋଇଥିବା ବେଳେ ବାଣିଜ୍ୟରେ ୮୫.୦୮% ଓ ବିଜ୍ଞାନରେ ପାସହାର ୮୫.୮୨% ହୋଇଛି। କଳାରେ ୨୪୯ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୭୨ ଜଣ ପ୍ରଥମ ଶ୍ରେଣୀ, ୩୮ ଜଣ ଦ୍ୱିତୀୟ ଶ୍ରେଣୀ ଓ ୯୭ ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ୪୨ ଜଣ ଫେଲ୍ ହୋଇଛନ୍ତି। କଳାରେ ରୋଜାଲିନ ସାହୁ ୫୨୮ ନମ୍ବର ରଖି ଟପ୍ପର ହୋଇଛନ୍ତି। ରାଜନନ୍ଦିନୀ ବେହେରା ୫୨୬ ନମ୍ବର ରଖି ଦ୍ୱିତୀୟ ଓ ପିୟାଲି ପ୍ରିୟଦର୍ଶନୀ ୫୧୯ ନମ୍ବର ରଖି ତୃତୀୟ ହୋଇଛନ୍ତି। ସେହିପରି ବାଣିଜ୍ୟରେ ୧୦୭ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୪୮ ଜଣ ପ୍ରଥମ, ୨୫ ଜଣ ଦ୍ୱିତୀୟ ଓ ୧୮ ଜଣ ତୃତୀୟ ସ୍ଥାନରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ୧୬ ଜଣ ଫେଲ ହୋଇଛନ୍ତି। ବାଣିଜ୍ୟରେ ଚନ୍ଦ୍ରଶେଖର ଜେନା ୫୫୯ ନମ୍ବର ରଖି ଟପ୍ପର ହୋଇଛନ୍ତି। ଚିରାଗ ଅଗ୍ରୱାଲ ୫୩୪ ନମ୍ବର ରଖି ଦ୍ୱିତୀୟ ଓ ସୁଦିପ୍ତା ମହାନ୍ତି ୫୩୩ ନମ୍ବର ରଖି ତୃତୀୟ ସ୍ଥାନ ରହିଛନ୍ତି। ସେହିପରି ବିଜ୍ଞାନରେ ୨୪୭ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୭୪ ଜଣ ପ୍ରଥମ ଶ୍ରେଣୀ, ୨୯ ଜଣ ଦ୍ୱିତୀୟ ଓ ୯ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ୩୫ ଜଣ ଫେଲ ହୋଇଛନ୍ତି। ବିଜ୍ଞାନରେ ଶୁଭଲକ୍ଷ୍ମୀ ସାହୁ ୫୪୭ ନମ୍ବର ରଖି ପ୍ରଥମ, ପ୍ରତୀକ୍ଷା ମହାନ୍ତି ୫୪୫ ନମ୍ବର ରଖି ଦ୍ୱିତୀୟ ଓ ଧ୍ରୁଜେଶର ବିଶ୍ୱାଳ ୫୪୪ ନମ୍ବର ରଖି ତୃତୀୟ ସ୍ଥାନ ଅଧିକାର କରିଛନ୍ତି ବୋଲି ଅଧକ୍ଷ ଚିତ୍ତରଞ୍ଜନ ସାହୁ ଜଣାଇଛନ୍ତି।

# ଟ୍ରେଲର-କାର୍ ଧକ୍କା: ୩ ଗୁରୁତର

କାମାକ୍ଷାନଗର,୨୬।୫(ସୁଧୀର ପରିଡ଼ା)

ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନା ସିଆରୀମାଳିଆ ଛକ ନିକଟରେ ରବିବାର ଅପରାହ୍ଣରେ ଟ୍ରେଲର ଓ କାର୍ ମଧ୍ୟରେ ଧକ୍କା ହୋଇଛି। ଏଥିରେ କାର୍‌ରେ ବସିଥିବା କୁନା ବେହେରା (୨୧), ଦୀପକ ନାୟକ (୨୮) ଓ ସୌମ୍ୟ ପ୍ରଧାନ ଗୁରୁତର ହୋଇଛନ୍ତି। ସେମାନଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରିଛନ୍ତି। ଘଟଣାରୁ ଜଣାପଡ଼ିଛି, ଜାତୀୟ ରାଜପଥ ୫୩ କାମାକ୍ଷାନଗର ଥାନା ସିଆରିମାଳିଆ ଛକ ନିକଟରେ ଏକ ଟ୍ରେଲର ପରଜଙ୍ଗରୁ କାମାକ୍ଷାନଗର ଅଭିମୁଖେ ଆସୁଥିବାବେଳେ ବିପରୀତ ଦିଗରୁ ଆସୁଥିବା ଏକ କାର୍ ସହ ଧକ୍କା ହୋଇଥିଲା। ଫଳରେ କାର୍‌ରେ ବସିଥିବା ୩ ଜଣ ଗୁରୁତର ହୋଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି।

# ଆଳତୁମା ରଜ ମହୋତ୍ସବ: ଅଡିଶନ ପାଇଁ ଉତ୍କଣ୍ଠା

କାମାକ୍ଷାନଗର,୨୬।୫(ସୁଧୀର ପରିଡ଼ା)



ଢେଙ୍କାନାଳ ଜିଲା କାମାକ୍ଷାନଗର ଆଳତୁମା ଠାରେ ହେବାକୁ ଥିବା ୧୪ ତମ ରଜ ମହୋତ୍ସବ ନିମନ୍ତେ ରବିବାର ନୃତ୍ୟ ଓ ସଂଗୀତରେ ଭାଗ ନେବା ପାଇଁ ଅଡିଟୋରିଅମ ପରିସରରେ ଅଡିଶନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାଗନେବା ପାଇଁ ବିଭିନ୍ନ ବର୍ଗର ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରବଳ ଉତ୍କଣ୍ଠା ଦେଖିବାକୁ ମିଳିଥିଲା। କାର୍ଯ୍ୟକ୍ରମ ଆରମ୍ଭରେ ଅନୁଷ୍ଠାନ ସଭାପତି ବାଳକୃଷ୍ଣ ନାୟକଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଅତିଥି ଭାବେ ଅନୁଷ୍ଠାନର ଉପଦେଷ୍ଟା ତଥା ନଗରପାଳ ଧର୍ମାନନ୍ଦ ପରିଡା, ମଧୁସୂଦନ ଷଣ୍ଢ, ଏନ୍‌ଏସି ନିର୍ବାହୀ ଅଧିକାରୀ ଜତିନ୍ଦ୍ର କୁମାର ମିଶ୍ର, ଆଦିତ୍ୟ ଆଚାର୍ଯ୍ୟ, ଅବକାରୀ ଅଧିକାରୀ ଜ୍ଞାନରଞ୍ଜନ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ସର୍ବକନିଷ୍ଠ, କନିଷ୍ଠ, ବରିଷ୍ଠ ଆଦି ତିନୋଟି ବିଭାଗରେ ନୃତ୍ୟ, ସଂଗୀତ, ଏକକ ଅଭିନୟରେ ଶତାଧିକ ଛାତ୍ରୀଛାତ୍ର ଭାଗ ନେଇ ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ। ଅନୁଷ୍ଠାନ ପକ୍ଷରୁ ଉପସଭାପତି ରାଜେଶ ଷଣ୍ଢ, ସମ୍ପାଦକ ଶୁଭ୍ରାଂଶୁ ସାହୁ, ଉପଦେଷ୍ଟା ମକରଧ୍ୱଜ ପ୍ରଧାନ ପରିଚାଳନାରେ ସହଯୋଗ କରିଥିଲେ। ନିରଞ୍ଜନ ସାହୁ ସଂଯୋଜନା କରିଥିଲେ। ବିମଳ ପରିଡା ଧନ୍ୟବାଦ ଦେଇଥିଲେ।

# ୧୫ ସ୍କୁଲର ୨୮ ଛାତ୍ରୀଛାତ୍ର ଏ-୧ରେ

ଢେଙ୍କାନାଳ,୨୬।୫(ରତନ ନାୟାର)

ଢେଙ୍କାନାଳ ଜିଲାରେ ରବିବାର ପ୍ରକାଶିତ ମାଟ୍ରିକ ପରୀକ୍ଷା ଫଳ ତଥ୍ୟ ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ କର୍ତ୍ତୃପକ୍ଷ ସମ୍ପୂର୍ଣ୍ଣ ଭାବେ ପ୍ରଦାନ କରିବାରେ ବିଫଳ ହୋଇଛନ୍ତି। ପୂର୍ବାହ୍ଣ ୧୧ଟାରୁ ପରୀକ୍ଷା ଫଳ ବାହାରିଥିଲେ ମଧ ନିର୍ବାଚନ କାର୍ଯ୍ୟରେ ଶିକ୍ଷକ ଶିକ୍ଷୟିତ୍ରୀମାନେ ନିୟୋଜିତ ଥିବାରୁ ରବିବାର ସମସ୍ତ ହାଇସ୍କୁଲର ପରୀକ୍ଷା ଫଳ ମିଳିପାରୁନାହିଁ ବୋଲି ଜିଲା ଶିକ୍ଷା ଅଧିକାରୀ ବିନିତା ସେନାପତି କହିଛନ୍ତି। ସୋମବାର ସମ୍ପୂର୍ଣ୍ଣ ତଥ୍ୟ ପ୍ରଦାନ କରାଯିବ ବୋଲି ସେ ସୂଚନା ଦେଇଛନ୍ତି। ତେବେ ରାତି ୮ଟା ସୁଦ୍ଧା ମିଳିଥିବା ସୂଚନା ଅନୁଯାୟୀ ଜିଲାର ୧୫ଟି ହାଇସ୍କୁଲର ୨୮ଜଣ ଛାତ୍ରୀଛାତ୍ର ଏ-୧ରେ ଉତ୍ତୀର୍ଣ୍ଣ ହୋଇଛନ୍ତି।

# ପଞ୍ଚାୟତରାଜ ଉଚ୍ଚ ବିଦ୍ୟାଳୟରେ ଶତ ପ୍ରତିଶତ ସଫଳତା

କାମାକ୍ଷାନଗର,୨୬।୫(ସୁଧୀର ପରିଡ଼ା)

ଢେଙ୍କାନାଳ ଜିଲା କାମାକ୍ଷାନଗରସ୍ଥିତ କାନପୁରା ପଞ୍ଚାୟତରାଜ ଉଚ୍ଚବିଦ୍ୟାଳୟରେ ମାଟ୍ରିକ ରେଜଲ୍ଟରେ ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର ପାସ୍ କରି ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି। ବିଦ୍ୟାଳୟର ସମୁଦାୟ ୧୯୪ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ସେଥିମଧ୍ୟରୁ ଏ-୧ ରେ ୬ ଜଣ, ଏ-୨ରେ ୫୬, ବି-ରେ ୧ ୭୬, ବି-୨ରେ ୪୦, ସି-ରେ ୧୧ ଓ ଡି-ରେ ୫ ଜଣ ପାସ୍ କରିଛନ୍ତି। ଛାତ୍ର ପ୍ରଥମେଶ ସାହୁ ଓ ଛାତ୍ରୀ ସିପ୍ରା ସାଗରିକା ପୃଷ୍ଟି ୫୫୨ ନମ୍ବର, ଅକ୍ଷୟ ଅକସ୍ମିତା ମହାଲିକ ୫୫୦, ସ୍ୱୟମ ଶିତମ୍ ବାରିକ ୫୪୨, ଅନନ୍ୟା ରାଉତ ଓ ସୌମ୍ୟରଞ୍ଜନ ଖିଲାର୫୪୦ ନମ୍ବର ରଖି ସଫଳତା ହାସଲ କରିଛନ୍ତି। ଛାତ୍ରୀଛାତ୍ରଙ୍କ ସଫଳତା ପାଇଁ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଶ୍ରୀରାମ ରାଉତ ପରିଚାଳନା କମିଟି କର୍ମକର୍ତ୍ତା ଓ ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ଏବଂ କର୍ମଚାରୀ ଛାତ୍ରୀଛାତ୍ରଙ୍କୁ କୃତଜ୍ଞତା ଜଣାଇଛନ୍ତି। ସେହିଭଳି କାମାକ୍ଷାନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ରୀଛାତ୍ରମାନେ ମଧ ଶତ ପ୍ରତିଶତ ସଫଳତା ହାସଲ କରି ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି। ବିଦ୍ୟାଳୟରେ ସମୁଦାୟ ୭୬ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବାବେଳେ ଏ-୧ରେ ୫ ଜଣ, ଏ-୨ ରେ ୧୦ ଜଣ , ବି-୧ ରେ ୩୮ ଜଣ, ବି-୨ରେ ୧୭ ଜଣ, ସି-ରେ ୫ ଜଣ, ଡି-ରେ ୧ଜଣ ପାସ କରିଛନ୍ତି। କିରଣ କସ୍ତୁରିକା ସାହୁ, ଦୀପ୍ତିମୟୀ ମହାନ୍ତି, ଓମ୍‌ପ୍ରଭା ନାୟକ ୫୫୨ ନମ୍ବର ରଖିଥିବାବେଳେ ବିସ୍ମୟ କେଶରୀ ପ୍ରଧାନ ୫୪୪, ଓମ୍‌ପ୍ରକାଶ ନାୟକ ୫୪୦ ନମ୍ବର ରଖି ସଫଳତା ହାସଲ କରିଛନ୍ତି। ବିଦ୍ୟାଳୟ ପ୍ରଧାନ ଆଚାର୍ଯ୍ୟ ଗୌରଚନ୍ଦ୍ର ନନ୍ଦ ଛାତ୍ରୀଛାତ୍ରଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ବି.ବି. ହାଇସ୍କୁଲର ପାସ୍‌ହାର ୯୮.୧୯ ପ୍ରତିଶତ

**ମାଟ୍ରିକ୍ ପରୀକ୍ଷା**

ଢେଙ୍କାନାଳ,୨୬।୫(ରତନ ନାୟାର)



ମାଟ୍ରିକ ପରୀକ୍ଷା ଫଳ ରବିବାର ପ୍ରକାଶ ପାଇଥିବା ବେଳେ ଢେଙ୍କାନାଳର ଶତାୟୁ ଶିକ୍ଷାନୁଷ୍ଠାନ ବ୍ରଜନାଥ ବଡ଼ଜେନା (ବି.ବି.) ଉଚ୍ଚ ବିଦ୍ୟାଳୟର ଚଳିତବର୍ଷ ପାସ୍‌ହାର ୯୮.୧୯ ପ୍ରତିଶତ ହୋଇଛି। ବିଦ୍ୟାଳୟରେ ଏ-୧ ର୍ୟାଙ୍କ୍‌ରେ ଜଣେ ଛାତ୍ର ଦୁର୍ଗା ପ୍ରସାଦ ମିଶ୍ର ଉତ୍ତୀର୍ଣ୍ଣ ହୋଇଛନ୍ତି। ସେହିପରି ବିଦ୍ୟାଳୟରେ ମୋଟ ୧୬୬ଜଣ ପରୀକ୍ଷା ଦେଇଥିବା ବେଳେ ୧୬୩ ଜଣ କୃତକାର୍ଯ୍ୟ ହୋଇଛନ୍ତି । ୩ଜଣ ଫେଲ ହୋଇଛନ୍ତି। ଏ-୧ରେ ମୋଟ ୫୪୧ ନମ୍ବର ରଖି ଛାତ୍ର ଦୁର୍ଗା ପ୍ରସାଦ ମିଶ୍ର କୃତକାର୍ଯ୍ୟ ହୋଇଛନ୍ତି। ସେହିପରି ଏ-୨ରେ ୬ଜଣ, ବି-୧ରେ ୧୦, ବି-୨ରେ ୨୬, ସି-ରେ ୪୪, ଡି-ରେ ୩୬, ଇ-ରେ ୪୦ଜଣ ପାସ୍ କରିଥିବା ବରିଷ୍ଠ ଶିକ୍ଷକ ଦେବା ପ୍ରସାଦ ମିଶ୍ରଙ୍କ ସୂଚନାରୁ ଜଣାପଡିଛି।

## ଭବିଷ୍ୟତରେ ଡାକ୍ତର ହେବି: ଦୁର୍ଗା ପ୍ରସାଦ

ଢେଙ୍କାନାଳ ବ୍ରଜନାଥ ବଡ଼ଜେନା ଉଚ୍ଚ ବିଦ୍ୟାଳୟର ଏକମାତ୍ର ଏ-୧ ହାସଲ କରିଥିବା ଛାତ୍ର ଦୁର୍ଗା ପ୍ରସାଦ ମିଶ୍ର ଚଳିତ ମାଟ୍ରିକ ପରୀକ୍ଷାରେ ମୋଟ ୬୦୦ରୁ ୫୪୧ନଂ ରଖିଛନ୍ତି। ସେ ନିଜ ପ୍ରତିକ୍ରିୟାରେ କହିଛନ୍ତି, ମିଳିଥିବା ସଫଳତାରେ ବହୁତ ଖୁସି। ଏହାର ଶ୍ରେୟ ଅଭିଭାବକଙ୍କୁ ଦେବି। ପରୀକ୍ଷା ପାଇଁ ୮ ଘଣ୍ଟା ପରିଶ୍ରମ କରୁଥିଲି। ଗଣିତ ପ୍ରିୟ ବିଷୟ। ଏଥିରେ ୯୩ ନମ୍ବର ରହିଛି। ଭବିଷ୍ୟତରେ ଜଣେ ଡାକ୍ତର ହେବି ବୋଲି ଦୁର୍ଗା ପ୍ରସାଦ କହିଛନ୍ତି। ଦୁର୍ଗା ପ୍ରସାଦ ଢେଙ୍କାନାଳ ମିନାବଜାର ଅଞ୍ଚଳରେ ରହୁଥିବା ପୂଜକ ସିଦ୍ଧେଶ୍ୱର ମିଶ୍ର ଓ ମାତା ରୋଜାଲିନ ମିଶ୍ରଙ୍କ ପୁତ୍ର।

# ଆଇସି ଟ୍ୟୁଟୋରିଆଲର ସଫଳତା

**ବାଣିଜ୍ୟରେ ୨୯ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ**

ଢେଙ୍କାନାଳ,୨୬।୫(ରତନ ନାୟାର)

ଯୁକ୍ତ ୨ ବାଣିଜ୍ୟ ପରୀକ୍ଷାରେ ଢେଙ୍କାନାଳ ସହର କୁଞ୍ଜକାନ୍ତସ୍ଥିତ ଆଇସି ଟ୍ୟୁଟୋରିଆଲକୁ ସଫଳତା ମିଳିଛି। ବାଣିଜ୍ୟରେ ମୋଟ ୪୧ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୩୫ଜଣ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେଥିମଧ୍ୟରେ ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟରେ ପଢୁଥିବା ଅନୁଷ୍ଠାନର ୧୧ ଜଣ ଛାତ୍ରୀଛାତ୍ର ୫୦୦ରୁ ଊର୍ଦ୍ଧ୍ୱ ନମ୍ବର ରଖିଛନ୍ତି। ଅନୁଷ୍ଠାନର ଛାତ୍ର ଚନ୍ଦ୍ରଶେଖର ଜେନା ମୋଟ ୬୦୦ରୁ ୫୫୯ ନମ୍ବର ରଖି ଢେଙ୍କାନାଳ କଲେଜ ଟପ୍ପର ହୋଇଛନ୍ତି ବୋଲି ଅନୁଷ୍ଠାନର ନିର୍ଦ୍ଦେଶକ ରୁପେଶ କୁମାର ମହାନ୍ତି ଜଣାଇବା ସହିତ ସମସ୍ତ ସଫଳ ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।



ଟପ୍ପର ଚନ୍ଦ୍ରଶେଖର ଜେନା।

# ବିଦ୍ୟାର୍ଥୀ ଆବାସିକ ବିଜ୍ଞାନ ମହାବିଦ୍ୟାଳୟର ଶତପ୍ରତିଶତ ପାସ୍



ରୀତିକୃଷ୍ଣ ପୋଇ।



ମୋନାଲିସା ସାହୁ।



ସ୍ୱର୍ଣ୍ଣମୟୀ ପ୍ରଧାନ।



ଶିବ ପ୍ରସାଦ ସାହୁ।

ଢେଙ୍କାନାଳ,୨୬।୫(ରତନ ନାୟାର)

■୧୬୧ ଛାତ୍ରୀଛାତ୍ର ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ
■ରୀତିକୃଷ୍ଣ ଅନୁଷ୍ଠାନର ଟପ୍ପର

ଢେଙ୍କାନାଳ ଜିଲା ସଦର ବ୍ଲକ ବଳଦିଆବନ୍ଧ ପାଇକ ଦହିକୋଠସ୍ଥିତ ବିଦ୍ୟାର୍ଥୀ ଆବାସିକ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଯୁକ୍ତ୨ ବିଜ୍ଞାନ ପରୀକ୍ଷା ଫଳରେ ଅନୁଷ୍ଠାନର ୧୬୧ଜଣ ଛାତ୍ରୀଛାତ୍ର ପ୍ରଥମ ଶ୍ରେଣୀରେ, ୩୭ଜଣ ଦ୍ୱିତୀୟ ଶ୍ରେଣୀରେ ଓ ୭ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏହି ଅନୁଷ୍ଠାନର ସମସ୍ତ ପରୀକ୍ଷାର୍ଥୀ ଯୁକ୍ତ୨ ପରୀକ୍ଷାରେ କୃତକାର୍ଯ୍ୟ ହୋଇ ସୁନାମ ଅର୍ଜନ କରିଛନ୍ତି । ଚଳିତବର୍ଷ ୨୦୫ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ରୀତିକୃଷ୍ଣ ପୋଇ ସର୍ବାଧିକ ୫୫୨ନଂ ରଖି ଏ-୧ ଗ୍ରେଡ୍ ଲାଭକରି ବିଦ୍ୟାଳୟର ଟପ୍ପର ହୋଇଛନ୍ତି। ସେ ୯୨ ପ୍ରତିଶତ ନମ୍ବର ରଖିଛନ୍ତି। ସେହିପରି ଛାତ୍ରୀ ମୋନାଲିସା ସାହୁ ୫୩୬ ନମ୍ବର ରଖିଛନ୍ତି। ସେ ୮୯ ପ୍ରତିଶତ ନମ୍ବର ରଖିଛନ୍ତି। ସ୍ୱର୍ଣ୍ଣମୟୀ ପ୍ରଧାନ ୫୩୫ ଓ ଶିବ ପ୍ରସାଦ ସାହୁ ୫୩୩ ନମ୍ବର ରଖିଛନ୍ତି। ଉଭୟେ ୮୯ ପ୍ରତିଶତ ନମ୍ବର ରଖିଛନ୍ତି। ଏହି ସଫଳତା ପାଇଁ ମହାବିଦ୍ୟାଳୟର ଚେୟାରମ୍ୟାନ ଜ୍ଞାନେନ୍ଦ୍ର କୁମାର ସାହୁ, ଭାଇସ୍ ଚେୟାରମ୍ୟାନ ଧର୍ମେନ୍ଦ୍ର ପ୍ରସାଦ ସିଂହ, ଅଧ୍ୟକ୍ଷ ଚତୁର୍ଭୁଜ ପତି, ଉପାଧ୍ୟକ୍ଷ ଶ୍ରୀବତ୍ସ ବେହେରା, ସମସ୍ତ ଅଧ୍ୟାପିକା ଅଧ୍ୟାପକ, ଛାତ୍ରୀଛାତ୍ର ଏବଂ କର୍ମଚାରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଚଳିତବର୍ଷ ଏହି ମହାବିଦ୍ୟାଳୟର ନୂତନ କ୍ୟାମ୍ପସକୁ ସ୍ଥାନାନ୍ତର ହୋଇଛି ବୋଲି ସୂଚନା ଦିଆଯାଇଛି।

# ୯୦% ନମ୍ବର ରଖିଲେ ଇ-ଟେକ୍‌ର ୧୮ ଛାତ୍ରୀଛାତ୍ର



ଉପର୍ଣ୍ଣା ଶତରୂପା।



ମୋନାଲିସା ସାହୁ।



ନତାସା ସାହୁ।



ସ୍ୱାଧୀନ କର।



ଅଜୟ ପ୍ରଧାନ।

ଢେଙ୍କାନାଳ,୨୬।୫(ରତନ ନାୟାର)

**ଉପର୍ଣ୍ଣା ସର୍ବୋଚ୍ଚ ସ୍ଥାନରେ**

ଢେଙ୍କାନାଳ ସହର ଉପକଣ୍ଠ ମଙ୍ଗଳପୁରସ୍ଥିତ ଇ-ଟେକ ଯୁକ୍ତ୨ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ରବିବାର ଯୁକ୍ତ୨ ପରୀକ୍ଷାରେ ଶତ ପ୍ରତିଶତ ଛାତ୍ରୀଛାତ୍ର ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ବିଦ୍ୟାଳୟର ୧୮ଜଣ ଛାତ୍ରୀଛାତ୍ର ୯୦ ପ୍ରତିଶତରୁ ଊର୍ଦ୍ଧ୍ୱ ନମ୍ବର ରଖି ବିଦ୍ୟାଳୟକୁ ଗୌରବାନ୍ୱିତ କରିଛନ୍ତି। ଛାତ୍ରୀ ଉପର୍ଣ୍ଣା ଶତରୂପା ୫୬୫ ନମ୍ବର ରଖି ଅବିଭକ୍ତ ଢେଙ୍କାନାଳ ଜିଲାରେ ସର୍ବୋଚ୍ଚ ସ୍ଥାନ ଅଧିକାର କରିଥିବା ମହାବିଦ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଇ-ଟେକ୍ ଯୁକ୍ତ୨ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୨୮୬ଜଣ ଛାତ୍ରୀଛାତ୍ର ଚଳିତବର୍ଷ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରେ ରେକର୍ଡ ସଂଖ୍ୟକ ୨୮୪ଜଣ ଛାତ୍ରୀଛାତ୍ର ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେଥିରୁ ୧୮ଜଣ ଛାତ୍ରୀଛାତ୍ର ୯୦ ପ୍ରତିଶତରୁ ଅଧିକ ନମ୍ବର ରଖିଥିବା ବେଳେ ୯୭ଜଣ ଛାତ୍ରୀଛାତ୍ର ୫୦୦ରୁ ଊର୍ଦ୍ଧ୍ୱ ନମ୍ବର ରଖିଛନ୍ତି। ଛାତ୍ରୀ ଉପର୍ଣ୍ଣା ଶତରୂପା ୫୬୫ନଂ ରଖି ପ୍ରଥମ, ମୋନାଲିସା ସାହୁ ୫୬୩ନଂ ରଖି ଦ୍ୱିତୀୟ ଏବଂ ନତାଶା ସାହୁ ୫୬୦ନଂ ରଖି ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଅଜୟ ପ୍ରଧାନ ୫୫୮, ସ୍ୱାଧୀନ କର ୫୫୭, ସୁବାଶିଷ ସାହୁ ୫୫୫, ବିଜୟ ପ୍ରଧାନ ୫୫୫, ସିଦ୍ଧେଶ୍ୱର ସାହୁ ୫୫୫, ଆକାଶ ଦେହୁରୀ ୫୫୨, ରେସବ କୁମାର ଦାସ ୫୫୨, ଆଶୁତୋଷ ବେହେରା ୫୫୧, ସ୍ୱସ୍ତିକ ପଣ୍ଡା ୫୫୧, ଅମିତ ସିଂ ୫୫୧, ଦେବସ୍ମିତା ବେହେରା ୫୪୬, ବିଶ୍ୱରଞ୍ଜନ ପଲେଇ ୫୪୬, ମୁକେଶ ସାମଲ ୫୪୬, ଦିପୁନ ସାହୁ ୫୪୩ ଓ ଦେବୀ ପ୍ରସାଦ ସାହୁ ୫୪୦ନମ୍ବର ରଖି ଅନୁଷ୍ଠାନକୁ ଗୌରାବାନ୍ୱିତ କରିଛନ୍ତି। ସେହିପରି ଇ-ଟେକ୍ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୧୧୦ଜଣ ଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ୧୦୨ଜଣ ଛାତ୍ରୀ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି । ଶୁଭଶ୍ରୀ ପ୍ରିୟଦର୍ଶିନୀ ସାହୁ ଓ ବର୍ଷା ପ୍ରିୟଦର୍ଶିନୀ ବିଶ୍ୱାଳ ଯୁଗ୍ମ ଭାବରେ ୫୩୧ନଂ ରଖିଥିବା ବେଳେ ଅର୍ପିତା ପ୍ରିୟଦର୍ଶିନୀ ୫୧୬ନଂ ରଖି ଦ୍ୱିତୀୟ ଓ ବ୍ରତତୀ ବିଶ୍ୱାଳ ୫୧୫ନଂ ରଖି ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସମୟୋପଯୋଗୀ ଶିକ୍ଷା ପ୍ରଣାଳୀ, ଅଭିଜ୍ଞ ଅଧ୍ୟାପିକା ଅଧ୍ୟାପକମାନଙ୍କ ଉଚ୍ଚମାନର ଶିକ୍ଷାଦାନ, ଶିକ୍ଷା ଉପଯୋଗୀ ପରିବେଶ ସହ ନିରନ୍ତର ପ୍ରଚେଷ୍ଟା, ଛାତ୍ରୀଛାତ୍ରମାନଙ୍କ ପରିଶ୍ରମ, ଶୃଙ୍ଖଳା ଓ ସମୟାନୁବର୍ତ୍ତିତା, ଅଭିଭାବକମାନଙ୍କ ଅନୁଷ୍ଠାନ ପ୍ରତି ବିଶ୍ୱାସନୀୟତା ହିଁ ଏହି ସଫଳତା ଆଣିଦେଇଛି। ଏହା ଆଗାମୀ ଦିନରେ ମଧ ବଜାୟ ରହିବ ବୋଲି ଅନୁଷ୍ଠାନର ଅଧକ୍ଷ ଡ. ସୁରେଶ ମିଶ୍ର ଜଣାଇବା ସହିତ ଏହି ସଫଳତା ପାଇଁ ସେ ଛାତ୍ରୀଛାତ୍ର, ଅଧ୍ୟାପିକା ଅଧ୍ୟାପକ ଓ କର୍ମଚାରୀମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ମତଦାନରେ ରେକର୍ଡ କଲା ଅନୁଗୋଳ



ଭୋଟଗ୍ରହଣ ପରେ ଇଭିଏମ୍‌କୁ ଷ୍ଟ୍ରଙ୍ଗରୁମ୍‌କୁ ନିଆଯାଉଛି।


ଭୋଟଦାନ ପରେ ଆଠମଲ୍ଲିକ ବିଜେଡି ବିଧାୟକ ପ୍ରାର୍ଥୀ ନଳିନୀକାନ୍ତ ପ୍ରଧାନ ଓ ସ୍ତ୍ରୀ।

- ୮୨.୨୭ ପ୍ରତିଶତ ଭୋଟର କଲେ ମତସାବ୍ୟସ୍ତ
- ଆଠମଲ୍ଲିକରେ ସର୍ବାଧିକ, ତାଳଚେରରେ ସର୍ବନିମ୍ନ

**ଅନୁଗୋଳ,୨୬।୫ (ଅମିତ କୁମାର ସାମଲ)**

ଅନୁଗୋଳ ଜିଲାର ୫ଟି ବିଧାନସଭା ନିର୍ବାଚନମଣ୍ଡଳୀରେ ଶନିବାର ରାତି ସୁଦ୍ଧା ମତଦାନ ପ୍ରକ୍ରିୟା ଶେଷ ହୋଇଛି। ଜିଲାରେ ମୋଟ ୮୨.୨୭ ପ୍ରତିଶତ ମତଦାତା ମତଦାନ କରିଥିବା ଜିଲା ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ରବିବାର ସୂଚନା ପ୍ରଦାନ କରାଯାଇଛି। ତେବେ ରାତି ସାଢ଼େ ୧୨ଟା ପର୍ଯ୍ୟନ୍ତ ମତଦାନ କରାଯାଇଥିବାବେଳେ ବିଭିନ୍ନ ଗ୍ରାମାଞ୍ଚଳ ବୁଥ୍‌ରେ ୯୫ ପ୍ରତିଶତ ମତଦାନ ହୋଇଥିବା ଜଣାପଡ଼ିଛି। ଏଥିସହ ସହରାଞ୍ଚଳରେ ୭୦ ପ୍ରତିଶତରୁ ଊର୍ଦ୍ଧ୍ୱ ମତଦାତା ସେମାନଙ୍କ ମତ ସାବ୍ୟସ୍ତ କରିଛନ୍ତି, ଯାହାକି ଅନୁଗୋଳ ଇତିହାସରେ ବିରଳ ବୋଲି କୁହାଯାଉଛି। ଜିଲାର ୯ ଲକ୍ଷ ୭୮ ହଜାର ୬୨୩ ଭୋଟରଙ୍କ ମଧ୍ୟରୁ ୮ ଲକ୍ଷ ୫ ହଜାର ୧୪୮ ଜଣ ସେମାନଙ୍କ ମତାଧିକାର ସାବ୍ୟସ୍ତ କରିଛନ୍ତି। ସେଥିରୁ ୩ ଲକ୍ଷ ୯୩ ହଜାର ୯୮୪ ଜଣ ମହିଳା ଭୋଟର ଥିବାବେଳେ ୪ ଲକ୍ଷ ୧୧ ହଜାର ୧୩୦ ଜଣ ପୁରୁଷ ଏବଂ ୩୪ ଜଣ ଅନ୍ୟାନ୍ୟ ଭୋଟର ମତଦାନରେ ସାମିଲ ହୋଇଥିଲେ। ତେବେ ଆଠମଲ୍ଲିକ ନିର୍ବାଚନମଣ୍ଡଳୀରେ ସର୍ବାଧିକ ମତଦାନ ହୋଇଥିବାବେଳେ ତାଳଚେରରେ ସର୍ବନିମ୍ନ ମତଦାନ ହୋଇଥିବା ଜିଲା ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ ରାଜ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟକୁ ରିପୋର୍ଟ ପଠାଯାଇଛି।

ଅନୁଗୋଳ ଜିଲାରେ ଥିବା ୫ଟି ନିର୍ବାଚନ ମଣ୍ଡଳୀରେ ୧୧୬୩ ମତଦାନ କେନ୍ଦ୍ର ହୋଇଥିବା ବେଳେ ସେଥିରେ ୬୯୭୮ ପୋଲିଂ କର୍ମଚାରୀ ନିୟୋଜିତ ହୋଇଥିଲେ। ଏପରି କି ଜିଲାରେ ଥିବା ୯୦ଟି ସେମ୍ବଦନଶୀଳ ବୁଥରେ ମଧ ଶୃଙ୍ଖଳାର ସହ ମତଦାନ ହୋଇଥିଲା। ପାଲଲହଡ଼ା ନିର୍ବାଚନମଣ୍ଡଳୀରେ ୮୨.୯୮ ପ୍ରତିଶତ ମତଦାନ ହୋଇବେଳେ ୭୨ ହଜାର ୯୭୧ ଜଣ ମହିଳା ଭୋଟର ଏବଂ ୭୫ ହଜାର ୧୬୧ ଜଣ ପୁରୁଷ ଭୋଟରଙ୍କ ସହ ଅନ୍ୟାନ୍ୟ ୫ ଜଣ ମତଦାନ କରିଛନ୍ତି। ତାଳଚେରରେ ୭୭.୯୦ ପ୍ରତିଶତ ମତଦାନ ରହିଥିବାବେଳେ ୬୧ ହଜାର ୫୭୮ ଜଣ ମହିଳା ଭୋଟର ଏବଂ ୬୬ ହଜାର ୩୬୯ ଜଣ ପୁରୁଷ ଭୋଟରଙ୍କ ସହ ୫ ଜଣ ଅନ୍ୟାନ୍ୟ ଭୋଟର ମତଦାନ କରିଥିଲେ। ଅନୁଗୋଳରେ ୭୯.୬୫ ପ୍ରତିଶତ ମତଦାନ ହାର ରହିଥିବାବେଳେ ୮୨ ହଜାର ୫୯୭ ଜଣ ମହିଳା ଭୋଟର ଓ ୮୮ ହଜାର ୬୧୯ ଜଣ ପୁରୁଷ ଭୋଟରଙ୍କ ସହ ଅନ୍ୟାନ୍ୟ ୧୫ ଜଣ ନିଜର ମତସାବ୍ୟସ୍ତ କରିଥିଲେ। ଛେଣ୍ଡିପଦାରେ ୮୪.୩୬ ପ୍ରତିଶତ ମତଦାନ ରହିଥିବାବେଳେ ୮୫ ହଜାର ୯୨୭ ଜଣ ମହିଳା ଏବଂ ୯୨ ହଜାର ୧୯୦ ଜଣ ପୁରୁଷ ଭୋଟରଙ୍କ ସହ ଅନ୍ୟାନ୍ୟ ୬ ଜଣ ନିଜର ମତସାବ୍ୟସ୍ତ କରିଥିଲେ। ଆଠମଲ୍ଲିକରେ ସର୍ବାଧିକ ମତଦାନ ୮୫.୬୯ ପ୍ରତିଶତ ରହିଥିବାବେଳେ ମହିଳା ଭୋଟର ୯୦ ହଜାର ୮୬୬ ଏବଂ ୮୮ ହଜାର ୭୯୧ ଜଣ ପୁରୁଷ ଭୋଟରଙ୍କ ସହ ଅନ୍ୟାନ୍ୟ ଭୋଟର ୨ ଜଣ ସେମାନଙ୍କ ମତାଧିକାର ସାବ୍ୟସ୍ତ କରିଥିଲେ।

୨୦୧୯ରେ ଜିଲାରେ ହୋଇଥିବା ସାଧାରଣ ନିର୍ବାଚନରେ ୭୭.୩୭ ପ୍ରତିଶତ ମତଦାନ ହୋଇଥିଲା। ଅନୁଗୋଳ ନିର୍ବାଚନମଣ୍ଡଳୀରେ ୭୩.୩୩ ପ୍ରତିଶତ, ତାଳଚେର ନିର୍ବାଚନମଣ୍ଡଳୀରେ ୭୨.୫ ପ୍ରତିଶତ, ଛେଣ୍ଡିପଦା ନିର୍ବାଚନମଣ୍ଡଳୀରେ ୮୦.୯ ପ୍ରତିଶତ, ଆଠମଲ୍ଲିକ ନିର୍ବାଚନମଣ୍ଡଳୀରେ ୮୦.୧୨ ପ୍ରତିଶତ, ପାଲଲହଡ଼ା ନିର୍ବାଚନମଣ୍ଡଳୀରେ ୮୦.୮୧ ପ୍ରତିଶତ ମତଦାନ ହୋଇଥିଲା। ୨୦୧୪ ସାଧାରଣ ନିର୍ବାଚନରେ ଅନୁଗୋଳ ଜିଲାରେ ୭୭.୮୩ ପ୍ରତିଶତ ମତଦାତା ସେମାନଙ୍କ ମତ ସାବ୍ୟସ୍ତ କରିଥିଲେ। ପାଲଲହଡ଼ା ନିର୍ବାଚନମଣ୍ଡଳୀରେ ସର୍ବାଧିକ ୮୩.୫୬ ପ୍ରତିଶତ, ଅନୁଗୋଳ ନିର୍ବାଚନମଣ୍ଡଳୀରେ ୭୬.୭୨, ତାଳଚେର ନିର୍ବାଚନମଣ୍ଡଳୀରେ ୭୫.୨୪, ଆଠମଲ୍ଲିକ ନିର୍ବାଚନମଣ୍ଡଳୀରେ ୭୮.୮୭ ପ୍ରତିଶତ ଓ ଛେଣ୍ଡିପଦା ନିର୍ବାଚନମଣ୍ଡଳୀରେ ୭୭.୦୯ ପ୍ରତିଶତ ମତଦାନ ହୋଇଥିଲା। ୨୦୦୯ ନିର୍ବାଚନରେ ଅନୁଗୋଳରେ ୬୭.୦୫, ତାଳଚେରରେ ୬୬.୭୮, ପାଲଲହଡ଼ାରେ ୭୩.୯୩, ଛେଣ୍ଡିପଦାରେ ୬୯.୪୩ ଏବଂ ଆଠମଲ୍ଲିକରେ ୭୨.୬୭ ପ୍ରତିଶତ ମତଦାନ ହୋଇଥିଲା। ତେଣୁ ଗତ ୩ଟି ସାଧାରଣ ନିର୍ବାଚନ ଅପେକ୍ଷା୨୦୨୪ରେ ଅନୁଗୋଳ ଜିଲା ମତଦାନରେ ରେକର୍ଡ କରିଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ଜିଲାରେ ହୋଇଥିବା ୧୧୬୩ଟି ମତଦାନ କେନ୍ଦ୍ରରୁ ଶନିବାର ରାତି ୪ଟା ପର୍ଯ୍ୟନ୍ତ ପୋଲିଂ ପାର୍ଟି ଫେରିଥିଲେ। ରବିବାର ଅପରାହ୍ନ ସୁଦ୍ଧା ଇଭିଏମ୍ ଓ ଭିଭିପିଏଟିକୁ ନିଜ ନିଜ କାଉଣ୍ଟରରେ ଜମା କରିଥିଲେ। ସବୁ ଇଭିଏମ୍‌କୁ ତ୍ରିସ୍ତରୀୟ କଡ଼ା ସୁରକ୍ଷା ବଳୟ ମଧ୍ୟରେ ରଖାଯାଇଥିବା ଜିଲା ନିର୍ବାଚନ ଅଧିକାରୀ କାର୍ଯ୍ୟାଳୟ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

## ମହେନ୍ଦ୍ର ହାଇସ୍କୁଲରେ ସମା ସାନିଆ ଟପ୍ପର

**ଆଠମଲ୍ଲିକ, ୨୬।୫(ଉଦୀପ୍ତ ପୁରୋହିତ)**



ଆଠମଲ୍ଲିକ ମହେନ୍ଦ୍ର ଉଚ୍ଚ ବିଦ୍ୟାଳୟର ମାଟ୍ରିକ ପରୀକ୍ଷା ଫଳ ପ୍ରକାଶ ପାଇଛି। ବିଦ୍ୟାଳୟର ୧୭୪ ଛାତ୍ରୀଛାତ୍ର ଫର୍ମ ପୂରଣ କରିଥିବା ବେଳେ ୧୭୩ ଛାତ୍ରୀଛାତ୍ର ପରୀକ୍ଷାରେ ଦେଇଥିଲେ। ୧୭୩ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ଗ୍ରେଡ ଏ୧ରେ ସମା ସାନିଆ ବେଗମ ୫୫୨ ନମ୍ବର ରଖି ସ୍କୁଲର ଟପ୍ପର ହୋଇଥିବା ବେଳେ ସତ୍ୟଜିତ ସାହୁ ୫୨୩ ନମ୍ବର ରଖି ଗ୍ରେଡ ଏ୧ରେ କୃତକାର୍ଯ୍ୟ ହୋଇଛନ୍ତି। ସେହିପରି ଗ୍ରେଡ ଏ–୨ରେ ୯ ପରୀକ୍ଷାର୍ଥୀ, ବି–୧ରେ ୧୪ ଜଣ, ବି–୨ ରେ ୨୯, ସି–ରେ ୩୮ ପରୀକ୍ଷାର୍ଥୀ, ଡି–ରେ ୪୩ ପରୀକ୍ଷାର୍ଥୀ, ଇ–ରେ ୩୭ ଜଣ କୃତକାର୍ଯ୍ୟ ହୋଇଥିବା ବେଳେ ମାତ୍ର ଜଣେ ପରୀକ୍ଷାର୍ଥୀ ଅକୃତକାର୍ଯ୍ୟ ହୋଇଛନ୍ତି। ମେହେମୁଦ ଖାଁ ଓ ରୋଜି ବେଗମଙ୍କ ସାନ ଝିଅ ସମା ସାନିୟା ବେଗମ ଟପ୍ପର ହୋଇଥିବାରୁ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶୁଭେଚ୍ଛା ଜଣାଇଛନ୍ତି। କୃତକାର୍ଯ୍ୟ ହୋଇଥିବା ସମସ୍ତ ଛାତ୍ରୀଛାତ୍ରଙ୍କ ଉଜ୍ୱଳ ଭବିଷ୍ୟତ କାମନା କରୁଛି ବୋଲି ପ୍ରଧାନ ଶିକ୍ଷକ ସୁନୀଲ କୁମାର ପ୍ରଧାନ ପ୍ରକାଶ କରିଛନ୍ତି। ସଫଳତା ପରେ ସମା ସାନିଆ କହିଛନ୍ତି, ରେଭେନ୍ସାରେ ପଢ଼ିବା ସହ ଭବିଷ୍ୟତରେ ସିଭିଲ ସର୍ଭିସ ପରୀକ୍ଷା ଦେବାକୁ ଲକ୍ଷ୍ୟ ରଖିଛି।

## ଆଶୁତୋଷ ସାହୁ କିଶୋରନଗର ବ୍ଲକ ଟପ୍ପର

**ବଇଣ୍ଡା,୨୬।୫(ପରିକ୍ଷିତ ସାହୁ)**



ମାଟ୍ରିକ ପରୀକ୍ଷା ଫଳ ରବିବାର ପ୍ରକାଶ ପାଇଛି। ଅନୁଗୋଳ ଜିଲା କିଶୋରନଗର ବ୍ଲକ ଲୁହାମୁଣ୍ଡା ହାଇସ୍କୁଲର ଛାତ୍ର ଆଶୁତୋଷ ସାହୁ କିଶୋରନଗର ବ୍ଲକ ଟପ୍ପର ହୋଇଛନ୍ତି। ସେ ୬୦୦ ନମ୍ବରରୁ ୫୬୨ ନମ୍ବର ରଖି ବ୍ଲକରେ ସମସ୍ତଙ୍କଠାରୁ ଆଗରେ ଅଛନ୍ତି। ଏହି ସଫଳତା ଲାଗି ତାଙ୍କୁ ବିଭିନ୍ନ ଶିକ୍ଷାନୁଷ୍ଠାନ, ଲୁହାମୁଣ୍ଡା ଗ୍ରାମବାସୀଙ୍କ ପକ୍ଷରୁ ଶୁଭେଚ୍ଛା ସୁଅ ଛୁଟୁଛି। ଲୁହାମୁଣ୍ଡା ହାଇସ୍କୁଲ ବିଜ୍ଞାନ ଶିକ୍ଷୟିତ୍ରୀ ସସ୍ମିତା ପ୍ରଧାନ ଓ ରଞ୍ଜନ କୁମାର ସାହୁଙ୍କ ପୁଅ ଆଶୁତୋଷ। ସେ ତାଙ୍କ ମାତା ପିତା ଓ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକଙ୍କ ଯୋଗୁ ଏହି ସଫଳତା ପାଇଥିବା ପ୍ରକାଶ କରିଛନ୍ତି। ପ୍ରତ୍ୟେକ ଦିନ ୮ ଘଣ୍ଟା ପରିଶ୍ରମ କରୁଥିଲି। ଆଗାମୀ ଦିନରେ ଭଲ ପାଠ ପଢି ବୈଜ୍ଞାନିକ ହେବି ବୋଲି ଆଶୁତୋଷ ପ୍ରକାଶ କରିଛନ୍ତି।

## ଗୌତମ ବୁଦ୍ଧଙ୍କ ଜନ୍ମ ଶତବାର୍ଷିକୀ ମହୋତ୍ସବ




**ଅନୁଗୋଳ,୨୬।୫ (ଅମିତ କୁମାର ସାମଲ)**

ଅନୁଗୋଳ ଜିଲା ନାଲ୍‌କୋ ଅନୁସୂଚିତ ଜାତି ଓ ଜନଜାତି କର୍ମଚାରୀ କଲ୍ୟାଣ ସଂଘ ତରଫରୁ ମହାମାନବ ଗୌତମ ବୁଦ୍ଧଙ୍କ ଜନ୍ମ ଶତବାର୍ଷିକୀ ମହୋତ୍ସବ ନାଲ୍‌କୋନଗର ସ୍ଥିତ ପଞ୍ଚଶୀଳ ବୁଦ୍ଧବିବାହାର ଠାରେ ପାଳିତ ହୋଇଯାଇଛି। ସଂଘ ସଭାପତି କେଦାରନାଥ ଦେହୁରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଗ୍ରୁପ ଜେନେରାଲ ମ୍ୟାନେଜର ସିପିପି ଅମରେନ୍ଦ୍ର କୁମାର ମିଶ୍ର, ସମ୍ମାନିତ ଅତିଥିଭାବେ ମାନବ ସମ୍ବଳ ମହାପ୍ରବନ୍ଧକ ଶୁଭେନ୍ଦୁ କୁମାର ନାୟକ, ମହାପ୍ରବନ୍ଧକ ଏସ.ଏ.ବସୁ, ପ୍ରସନ୍ନ କୁମାର ସାହୁ ମୁଖ୍ୟ ବକ୍ତାଭାବେ ଭନ୍ତେ ସୁମାଙ୍ଗ ବୋଧି, ସମ୍ମାନିତ ବକ୍ତା ଭାବେ ଯୋଗା ଚାରିୟା ସିନ୍ଧୁସୁତ, ପ୍ରେମାନନ୍ଦ ମଧୁରାଜ ଯୋଗଦାନ କରି ବକ୍ତବ୍ୟ ପ୍ରଦାନ କରିଥିଲେ। ପଞ୍ଚଶୀଳ ବୁଦ୍ଧବିହାର ସାଧାରଣ ସମ୍ପାଦକ ଧନେଶ୍ୱର ବେହେରା ପରିଚାଳନା କରିଥିଲେ।

## ବର୍ଷା ଶୁଭଦର୍ଶନୀ ଛେଣ୍ଡିପଦା ବ୍ଲକ୍ ଟପ୍ପର

**ଛେଣ୍ଡିପଦା,୨୬।୫(ଅଜିତ ଧଳ)**


ବର୍ଷା ଶୁଭଦର୍ଶନୀ।


ଦିଶା ସାଠୁଆ ମହାପାତ୍ର।


ଜ୍ୟୋସ୍ନାରାଣୀ ବେହେରା।


ଶୁଭଲକ୍ଷ୍ମୀ ନାୟକ।

ଛେଣ୍ଡିପଦା ବ୍ଲକରେ ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ଜିଲାର ୫୮ ଜଣ ଏ୧ ଟପ୍ପରଙ୍କ ମଧ୍ୟରୁ ଛେଣ୍ଡିପଦା ବ୍ଲକସ୍ତରରେ ୪ଜଣ ଛାତ୍ରୀ ଏ ୧ ଟପ୍ପର ଭାବେ ଉତ୍ତୀର୍ଣ୍ଣ ହୋଇଛନ୍ତି। ବାଗଡିଆ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ବର୍ଷା ଶୁଭଦର୍ଶନୀ ମାଟ୍ରିକ ପରୀକ୍ଷାରେ ୫୫୮ ନମ୍ବର ରଖି ଏ୧ରେ ଉତୀର୍ଣ୍ଣ ହେବା ସହିତ ଛେଣ୍ଡିପଦା ବ୍ଲକର ଟପ୍ପର ହୋଇଛନ୍ତି ଏବଂ ଅନୁଗୋଳ ଜିଲାରେ ଟପ୍ପର ତାଲିକାରେ ୬ତମ ସ୍ଥାନରେ ରହିଛନ୍ତି। ବର୍ଷା ଶୁଭଦର୍ଶନୀ ଛେଣ୍ଡିପଦା ସାଲୁଇଖମଣ ଗ୍ରାମର ସ୍ୱର୍ଗତ ଦୀନବନ୍ଧୁ ସାହୁଙ୍କ କନ୍ୟା। ଏହି ସଫଳତା ପାଇଁ ସେ ପରିବାର ଲୋକ ଓ ଉଚ୍ଚବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକଙ୍କୁ ଶ୍ରେୟ ଦେଇଛନ୍ତି। ସେହିପରି ଛେଣ୍ଡିପଦା ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଦିଶା ସାଠୁଆ ମହାପାତ୍ର ମାଟ୍ରିକ ପରୀକ୍ଷାରେ ୫୪୭ ନମ୍ବର ରଖି ଏ୧ ରେ ଉତୀର୍ଣ୍ଣ ହେବା ସହିତ ବ୍ଲକର ୨ୟ ସ୍ଥାନରେ ରହିଥିବାବେଳେ ଅନୁଗୋଳ ଜିଲାରେ ଟପ୍ପର ତାଲିକାରେ ୨୯ତମ ସ୍ଥାନ ପାଇ ପାରିଛନ୍ତି। ଦିଶା ପୋଡାପଡା ଗ୍ରାମର ସନ୍ତୋଷ ସାଠୁଆ ମହାପାତ୍ର ଓ କବିତା ସାଠୁଆ ମହାପାତ୍ରଙ୍କ କନ୍ୟା। ସେହିପରି କୋଶଳା ଉଚ୍ଚ ବିଦ୍ୟାଳୟର ଛାତ୍ର ଜ୍ୟୋସ୍ନାରାଣୀ ବେହେରା ୫୪୦ ନମ୍ବର ରଖି ଏ୧ରେ ଉତୀର୍ଣ୍ଣ ହେବା ସହ ବ୍ଲକର ତୃତୀୟ ସ୍ଥାନରେ ରହିଥିବା ବେଳେ ଅନୁଗୋଳ ଜିଲାରେ ଟପ୍ପର ତାଲିକାରେ ୪୦ ତମ ସ୍ଥାନରେ ରହିଛନ୍ତି। ସେ କୋଶଳା ଗ୍ରାମର ବିଜୟ କୁମାର ବେହେରା ଓ ରୁକ୍ମିଣୀ ବେହେରାଙ୍କ କନ୍ୟା। ସେହିପରି ଏ୧ ଟପ୍ପର ତାଲିକାରେ ନଡଡା ଆମ୍ବପାଳ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଶୁଭଲକ୍ଷ୍ମୀ ନାୟକ ୫୪୦ ନମ୍ବର ରଖି ୩ୟ ସ୍ଥାନରେ ରହିଥିବାବେଳେ ଅନୁଗୋଳ ଜିଲାରେ ଟପ୍ପର ତାଲିକାରେ ୪୩ତମ ସ୍ଥାନରେ ରହିଛନ୍ତି।

## ଭୋଟ୍ ଦେବାକୁ ନେଇ ଆକ୍ରମଣ

**ବଆଁରପାଳ,୨୬।୫(ସୁବାସ ସାହୁ)**

ବଆଁରପାଳ ବ୍ଲକ ନାଲ୍‌କୋ ଥାନା କାଣ୍ଡସର ପଞ୍ଚାୟତ ଅଧୀନ କନ୍ୟାବେଡ଼ା ଗାଁରେ ଗତ ଶନିବାର ତୃତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ ମତଦାନକୁ ନେଇ ଆକ୍ରମଣ ହୋଇଥିବା ରବିବାର ନାଲ୍‌କୋ ଥାନାରେ ଅଭିଯୋଗ ହୋଇଛି। ପୋଲିସ କହିଛି, ଶନିବାର ତୃତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ କନ୍ୟାବେଡା ଗ୍ରାମରେ ମତଦାନ ହେଉଥିଲା। ସେହି ଗ୍ରାମର ଜଣେ ଭୋଟର ଅମୂଲ୍ୟ ନାଏକ ନିଜର ମତଦାନ କରି ଘରକୁ ଫେରୁଥିଲେ। ସେହି ସମୟରେ ଗ୍ରାମର ବିକାଶ ନାଏକ କେଉଁ ଚିହ୍ନରେ ଭୋଟ ଦେଲ ବୋଲି ଅମୂଲ୍ୟଙ୍କୁ ପଚାରିଥିଲେ। ଯେଉଁ ଚିହ୍ନରେ ଭୋଟ ଦେବା କଥା ଦେଇଛି ବୋଲି ଅମୂଲ୍ୟ ବିକାଶଙ୍କୁ କହିଥିଲେ। ଏହାଶୁଣି ବିକାଶ ନାଏକ ଅମୂଲ୍ୟଙ୍କୁ ଗାଳିଗୁଲଜ କରିଥିଲେ। ପୁଣି ପ୍ରାୟ ଅଧ ଘଣ୍ଟା ପରେ ଅମୂଲ୍ୟଙ୍କ ଘରକୁ ଯାଇ ବିକାଶ ନାଏକ ତାର ବାପା ବନମାଳୀ ନାଏକ, ଭାଇ ବାଦଲ ନାଏକ ଓ ତାଙ୍କ ପଡୋଶୀ ବିଶ୍ୱଜିତ୍ ନାଏକ ମିଶି ଅମୂଲ୍ୟ ତାଙ୍କ ପୁଅ ଲିଟୁ ଓ ଝିଅ ଅପରାଜିତା ନାଏକଙ୍କୁ ଗାଳିଗୁଲଜ କରିବା ସହ ମାଡ଼ ମାରିଥିବା ଅପରାଜିତା ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାର ତଦନ୍ତ ଚଳାଇଛି।

## ଏନ୍‌ଟିପିସି ଦୀପଶିଖା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ସଫଳତା







**କଣିହାଁ,୨୬।୫(ସଚ୍ଚିଦାନନ୍ଦ ପ୍ରଧାନ)**

ମାଟ୍ରିକ ପରୀକ୍ଷା ଫଳ ରବିବାର ପ୍ରକାଶ ପାଇଛି। କଣିହାଁ ବ୍ଲକ ଏନ୍‌ଟିପିସି ଦୀପଶିଖା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଶତପ୍ରତିଶତ ସଫଳତା ପାଇଛି। ଏ ୧ରେ ଦୀପସୀତା ପ୍ରଧାନ ୫୫୩ ମାର୍କ ରଖି କଣିହାଁ ବ୍ଲକ ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି। ସେହିପରି କଣିହାଁ ବ୍ଲକ ମହକୁମା ପବିତ୍ରମୋହନ ଉଚ୍ଚବିଦ୍ୟାଳୟର ଛାତ୍ର ରତନଦୀପ ସାହୁ ୫୪୪ ମାର୍କ ଓ ଓମ୍ ପ୍ରକାଶ ସାହୁ ୫୪୩ ମାର୍କ ରଖି ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି। ପ୍ରକାଶ ଥାଉକି, ଏନ୍‌ଟିପିସି ଦୀପଶିଖା ଶିଶୁ ବିଦ୍ୟାମନ୍ଦିରରେ ମୋଟ୍ ୬୨ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ଏ ୧ ରେ ଜଣେ, ଏ ୨ରେ ୯, ବି ୧ ରେ ୨୩, ବି ୨ରେ ୧୬, ସି ୧୨, ଡି ରେ ଜଣେ କୃତକାର୍ଯ୍ୟ ହୋଇଛନ୍ତି। ସେହିପରି କଣିହାଁ ପବିତ୍ରମୋହନ ଉଚ୍ଚ ବିଦ୍ୟାଳୟର ୧୧୧ ଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ଏ ୧ ରେ ୨ଜଣ, ଏ ୨ରେ ୬ଜଣ, ବି ୧ ରେ ୬, ବି ୨ରେ ୧୯, ସିରେ ୨୩, ଡିରେ ୧୭, ଇ ଗ୍ରେଡ୍‌ରେ ୩୦ ଜଣ ଛାତ୍ରୀଛାତ୍ର କୃତକାର୍ଯ୍ୟ ହୋଇ ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି।

## କାର୍ ଦୁର୍ଘଟଣାଗ୍ରସ୍ତ: ପ୍ରିଜାଇଡିଂ ଅଫିସର ଗୁରୁତର

**ବଇଣ୍ଡା,୨୬।୫(ପରିକ୍ଷିତ ସାହୁ)**



ଅନୁଗୋଳ ଜିଲା ଠାକୁରଗଡ଼ ଥାନା ବିଡିସିଙ୍ଗ ନିକଟରେ ରବିବାର ବଡି ଭୋର ସମୟରେ ଏକ କାର୍ ଭାରସ୍ୟାମ ହରାଇ ଏକ ବିଦ୍ୟୁତ୍ ଖୁଣ୍ଟରେ ପିଟିହୋଇଯାଇଛି। ଏହି ଦୁର୍ଘଟଣାରେ କାର୍‌ରେ ବସିଥିବା ପ୍ରିଜାଇଡିଂ ଅଫିସର ତାଳଚେର ନିକଟସ୍ଥ ଭରତପୁର ଅଞ୍ଚଳର ମାନସିଙ୍ଗ ଗୁରୁତର ହୋଇଛନ୍ତି। ତାଙ୍କୁ ବିଡିସିଙ୍ଗ ଅଞ୍ଚଳର ରତି ରଞ୍ଜନ ରାଉତ ଉଦ୍ଧାର କରି ଚିକିତ୍ସା ପାଇଁ ଜିଲା ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଛନ୍ତି। ଘଟଣାରୁ ଜଣାପଡିଛି, ମାନସିଙ୍ଗ ଆଠମଲ୍ଲିକ ବିଧାନସଭା ନିର୍ବାଚନ ପାଇଁ ଆଠମଲ୍ଲିକ ଅଞ୍ଚଳରେ ପ୍ରିଜାଇଡିଂ ଅଫିସର ଭାବେ କାର୍ଯ୍ୟ ସାରି ରବିବାର ସକାଳେ ଘରକୁ ଫେରୁଥିବାବେଳେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ।

### ମାଟ୍ରିକ ପରୀକ୍ଷା ଫଳ

## ଅନୁଗୋଳ ଜିଲାର ଟପ୍–୧୦ ତାଲିକା

| ପରୀକ୍ଷାର୍ଥୀଙ୍କ ନାମ | ବିଦ୍ୟାଳୟ | ରଖିଥିବା ନମ୍ବର | ପ୍ରତିଶତ |
|---|---|---|---|
| ରତିକାନ୍ତ ପ୍ରଧାନ | ଖମାର ୟୁଜିୟୁବିପି | ୫୭୭ | ୯୬.୧୬ |
| ସ୍ୱାଭିମାନ ବିଶ୍ୱାଳ | ବଆଁରପାଳ ପିବିକେ ହାଇସ୍କୁଲ | ୫୬୮ | ୯୪.୬୬ |
| ବିନାୟକ ମୋହନ୍ତ | ପିଟିସି ନୋଡାଲ ହାଇସ୍କୁଲ ଅନୁଗୋଳ | ୫୬୩ | ୯୩.୮୩ |
| ଆଶୁତୋଷ ସାହୁ | ମା' ହିଙ୍ଗୁଳା ହାଇସ୍କୁଲ ଲୁହାମୁଣ୍ଡା | ୫୬୨ | ୯୩.୬୬ |
| ଆଶୁତୋଷ ମହାପାତ୍ର | ଏସ୍‌ଭିଏମ୍ ନାଲ୍‌କୋ | ୫୬୧ | ୯୩.୫ |
| ବର୍ଷା ଶୁଭଦର୍ଶନୀ ସାହୁ | ଛେଣ୍ଡିପଦା ହାଇସ୍କୁଲ | ୫୫୮ | ୯୩ |
| ଦୀପସ୍ମିତା ପ୍ରଧାନ | ଏସ୍‌ଭିଏମ୍ କଣିହାଁ | ୫୫୩ | ୯୨.୧୬ |
| ନୀତେଶ କୁମାର ସାହୁ | ଏସ୍‌ଭିଏମ୍ ଅନୁଗୋଳ | ୫୫୩ | ୯୨.୧୬ |
| ଶୁଭ୍ରଜିତ ମୁଦୁଲି | ତଳମୂଳ ହାଇସ୍କୁଲ | ୫୫୨ | ୯୨ |
| ବିଷ୍ଣୁ ପ୍ରସାଦ ଚଇନି | ପିଟିସି ହାଇସ୍କୁଲ | ୫୫୨ | ୯୨ |
| ସାନା ସାଇନା ବେଗମ୍ | ମହେନ୍ଦ୍ର ହାଇସ୍କୁଲ ଆଠମଲ୍ଲିକ | ୫୫୨ | ୯୨ |
| ସ୍ମୃତିରଞ୍ଜନ ସାହୁ | ବଆଁରପାଳ ପିବିକେ ହାଇସ୍କୁଲ | ୫୫୨ | ୯୨ |

## ମାଟ୍ରିକ୍ ପାସ୍ ହାର ୯୬.୬୩ ପ୍ରତିଶତ

**ଅନୁଗୋଳ,୨୬।୫ (ଅମିତ କୁମାର ସାମଲ)**



ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ପକ୍ଷରୁ ପରିଚାଳିତ ମାଟ୍ରିକ୍ ପରୀକ୍ଷାଫଳ ରବିବାର ପ୍ରକାଶ ପାଇଛି। ଏହି ପରୀକ୍ଷାରେ ଅନୁଗୋଳ ଜିଲାରେ ପାସ୍ ହାର ୯୬.୬୩ ପ୍ରତିଶତ ରହିଥିବା ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ତେବେ ଖବର ଲେଖା ହେବା ପର୍ଯ୍ୟନ୍ତ ଜିଲାରେ ମୋଟ ୫୮ ଜଣ ଛାତ୍ରୀଛାତ୍ର ଏ–୧ ଗ୍ରେଡ୍‌ରେ ପାସ୍ କରିଥିବା ସୂଚନା ମିଳିଛି। ଅନୁଗୋଳ ଜିଲାରେ ୨୬୩ଟି ବିଦ୍ୟାଳୟର ୧୭ ହଜାର ୯୪ ଛାତ୍ରୀଛାତ୍ର ୯୬ଟି ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ଦେଇଥିଲେ। ସେଥିମଧ୍ୟରୁ ୧୬ ହଜାର ୭୧୩ ଜଣ ରେଗୁଲାର ଛାତ୍ରୀଛାତ୍ର ଥିବାବେଳେ ୫ ଜଣ ଏକ୍ସ ରେଗୁଲାର, ୩୫୬ ଜଣ ରାଜ୍ୟ ମୁକ୍ତ ବିଦ୍ୟାଳୟ ଓ ୨୦ ଜଣ ମଧ୍ୟମା ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ।

ଅନୁଗୋଳ ଗାନ୍ଧୀମାର୍ଗ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ପରୀକ୍ଷା ଫଳ ଶତ ପ୍ରତିଶତ ହୋଇଛି। ମୋଟ ୧୫୧ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ଏ–୧ରେ ୧୦ଜଣ, ଏ–୨ରେ ୨୩, ବି–୧–୩୮, ବି–୨ରେ ୩୯, ସି–ରେ ୩୪, ଡି–ରେ ୬ ଓ ଇ–ରେ ଜଣେ ଉତ୍ତୀର୍ଣ୍ଣ ହୋଇଛନ୍ତି। ବିଦ୍ୟାଳୟର ଛାତ୍ର ନୀତିଶ୍ କୁମାର ସାହୁ ୫୫୩(୯୨.୧୬ %) ନମ୍ବର ରଖି ସର୍ବୋଚ୍ଚ ସ୍ଥାନ ଅଧିକାର କରିଛନ୍ତି। ସେହିଭଳି ସ୍ୱର୍ଣ୍ଣମୟୀ ଗଡ଼ନାୟକ, ସୁଚିସ୍ମିତା ସାହୁ, ସୁଚରିତା ପ୍ରଧାନ, ଡୋନିଶ୍ ପ୍ରଧାନ, ସୌମ୍ୟାଶ୍ରୀ ରଥ, ବିଶ୍ୱଜିତ ବେହେରା, ପ୍ରୀତିପ୍ରଜ୍ଞା ପଟ୍ଟନାୟକ, ଶୁଭଶ୍ରୀ ପଣ୍ଡା ଓ ସୁଚିସ୍ମିତା ପ୍ରଧାନ ଏ–୧ରେ ପାସ୍ କରି ବିଦ୍ୟାଳୟର ଗୌରବ ବୃଦ୍ଧି କରିଛନ୍ତି। ପରୀକ୍ଷା ଫଳକୁ ନେଇ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଆଲୋକ ଭୋଇ, ସହପ୍ରଧାନ ଆଚାର୍ଯ୍ୟ ବିପ୍ରଚରଣ ଦାଶ, ସମସ୍ତ ଗୁରୁମା ଗୁରୁଜୀ, ପରିଚାଳନା ସମିତିର ସମସ୍ତ ସଦସ୍ୟ ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସେହିଭଳି ପିଟିସି ହାଇସ୍କୁଲରେ ୧୧୯ ଜଣ ପରୀକ୍ଷା ଦେଇଥିବାବେଳେ ୧୧୬ ପାସ୍ କରିଛନ୍ତି। ବିଦ୍ୟାଳୟର ବିନାୟକ ମୋହନ୍ତ ୫୬୩ନମ୍ବର ରଖି ପ୍ରଥମ ହୋଇଥିବାବେଳେ ବିଷ୍ଣୁ ପ୍ରସାଦ ଚଇନି ୫୫୨ ରଖି ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ସେହିଭଳି ଏ–୨ରେ ୧୦ ଜଣ, ବି–୧ରେ ୧୩ ଜଣ, ବି–୨ରେ ୩୨ ଜଣ, ସି–ରେ ୨୯ ଜଣ, ଡି–ରେ ୧୪ ଜଣ, ଇ–ରେ ୧୬ ଜଣ ପରୀକ୍ଷାର୍ଥୀ ପାସ୍ କରିଥିବା ବିଦ୍ୟାଳୟର ପ୍ରଧାନଶିକ୍ଷକ କେଦାର ବେହେରା ସୂଚନା ଦେଇଛନ୍ତି।

